# ପୁଲିସ ବ୍ୟବସ୍ଥାର ଆଧୁନିକୀକରଣ ଉପରେ ଡିଜିଙ୍କ ଗୁରୁତ୍ୱାରୋପ

## ଜିଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟର ନବନିର୍ମିତ କୋଠା ଉଦ୍‌ଘାଟିତ





ବାରିପଦା, ୧୫।୧୧ (ନି.ପ୍ର)- ଆଧୁନିକ ଶୈଳୀରେ ନବନିର୍ମିତ ମୟୂରଭଞ୍ଜ ଜିଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟ କୋଠାଘର ଆଜି ଓଡିଶା ଡାଇରେକ୍ଟର ଜେନେରାଲ ଅଫ୍ ପୁଲିସ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ମୟୂରଭଞ୍ଜ ଐତିହ୍ୟର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ୨ କୋଟି ୩୨ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟ ଅଟକଳରେ ନବନିର୍ମିତ ଏହି ମୁଖ୍ୟ କାର୍ଯ୍ୟାଳୟ ଓଡିଶାର ଅନ୍ୟାନ୍ୟ ଜିଲାମାନଙ୍କ ତୁଳନାରେ ଅତ୍ୟାଧୁନିକ ଶୈଳୀରେ ପ୍ରଥମ ବୋଲି ଦର୍ଶାଯାଇଛି । ଏହି ଉଦ୍‌ଘାଟନ ଉତ୍ସବରେ ସମ୍ମାନିତ ଅତିଥିଭାବେ ରାଜ୍ୟର ଅତିରିକ୍ତ ଡିଜି(ସିଆଇଡି ଏଣ୍ଡ ସିବି) ସନ୍ତୋଷ କୁମାର ଉପାଧ୍ୟାୟଙ୍କ ସହ ଓଡିଶା ରାଜ୍ୟ ପୁଲିସ ଗୃହ ଓ କଲ୍ୟାଣ ନିଗମର ସିଏମଡି ଲଳିତ କୁମାର ଦାସ, ପୁଲିସ ଆଇଜି (ଏଲ ଏଣ୍ଡ ଓ) ଅମିତାଭ ଠାକୁର, ପୂର୍ବାଞ୍ଚଳ ରେଞ୍ଜର ଆଇଜି ବିନୟତୋଷ ମିଶ୍ର, ଜିଲାପାଳ ସୁରେନ୍ଦ୍ର କୁମାର ମୀନା, ଏସପି ଅନିରୁଦ୍ଧ ସିଂ ଏବଂ ପଞ୍ଚମ ବାଟାଲିୟନର କମାଣ୍ଡାଣ୍ଟ ଅବିନାଶ କୁମାର ପ୍ରମୁଖ ଯୋଗ ଦେଇଥିଲେ ।

ଏହି ଅବସରରେ ଡିଜି ପୁଲିସ ଡା. ଶର୍ମା ଉଦ୍‌ବୋଧନ ଦେଇ ପୁଲିସ ବ୍ୟବସ୍ଥାର ଆଧୁନିକୀକରଣ ଉପରେ ଗୁରୁତ୍ୱାରୋପ କରିବା ସହ ବିଜ୍ଞାନର ଦ୍ରୁତବିକାଶ ଯୋଗୁଁ ଅତ୍ୟାଧୁନିକ ବୈଷୟିକ ବ୍ୟବସ୍ଥାକୁ ଅପରାଧୀମାନେ ଆପଣାଉଥିବାରୁ ମୁକାବିଲା ସକାଶେ ପୁଲିସ ପାଇଁ ସେହିଭଳି ଭାବେ ତାଲିମ ବ୍ୟବସ୍ଥା କରାଯାଉଛି । ସ୍ୱାଧୀନତା ପରେ ଜନସାଧାରଣଙ୍କ ସେବା ନିମନ୍ତେ ଅପରାଧ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଜନସାଧାରଣଙ୍କ ସହଯୋଗ ଲୋଡା ରହିଛି । ପୁଲିସ ବ୍ୟବସ୍ଥାରେ ପ୍ରତି ଅଞ୍ଚଳର ଥାନାଗୁଡିକ ଠିକଭାବରେ କାର୍ଯ୍ୟ କରିବା ଦରକାର ଏବଂ ଅନ୍ୟାନ୍ୟ ସରକାରୀ ବିଭାଗ ତୁଳନାରେ ପୁଲିସ ଅଧିକ ସକ୍ରିୟ ହୋଇ ଦିବାରାତ୍ର କାର୍ଯ୍ୟ କରି ତୃଣମୂଳସ୍ତର ଜନସାଧାରଣଙ୍କ ସମସ୍ୟାଗୁଡିକୁ ଧୈର୍ଯ୍ୟର ସହିତ ଶୁଣି ପଦକ୍ଷେପ ନେବାକୁ ଡିଜି ଡା. ଶର୍ମା ପରାମର୍ଶ ଦେଇଥିଲେ । ଭୌଗୋଳିକ ଦୃଷ୍ଟିରୁ ଓଡିଶାରେ ମୟୂରଭଞ୍ଜ ସର୍ବବୃହତ ଜିଲା ଥିବା ସହିତ ସୀମାନ୍ତ ରାଜ୍ୟ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ଯୋଗୁଁ ଆନ୍ତଃରାଜ୍ୟ ଅପରାଧ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଦିଗରେ ରାଜ୍ୟ ପୁଲିସ ବିଶେଷ ଦୃଷ୍ଟି ରଖିଥିବା ଡିଜି ଡା. ଶର୍ମା ଉଲ୍ଲେଖ କରିଥିଲେ ।

ଏହି ଉତ୍ସବରେ ରାଜ୍ୟର ଅତିରିକ୍ତ ଡିଜି (ସିଆଇଡି ଏଣ୍ଡ ସିବି) ସନ୍ତୋଷ କୁମାର ଉପାଧ୍ୟାୟ ପ୍ରାରମ୍ଭରେ ସ୍ୱାଗତ ଜଣାଇ ସର୍ବଭାରତ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ରାଜ୍ୟ ପୁଲିସ ଡିଜି ଡା. ଶର୍ମାଙ୍କ କାର୍ଯ୍ୟ ଦକ୍ଷତା ସଂପର୍କରେ ଉଲ୍ଲେଖ କରିବା ସହ ତାଙ୍କ ମାର୍ଗଦର୍ଶନରେ ରାଜ୍ୟରେ ପୁଲିସ ପ୍ରଶାସନ ଅଧିକ ସକ୍ରିୟ ହୋଇଥିବା ଦର୍ଶାଇଥିଲେ । ମୟୂରଭଞ୍ଜ ଜିଲାରେ ଅବାଧ ମାଦକ ଦ୍ରବ୍ୟ କାରବାରକୁ ରୋକିବା ନେଇ ପୁଲିସ ପକ୍ଷରୁ ଦୃଢ ପଦକ୍ଷେପ ନିଆଯିବାର ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଏସପି ଅନିରୁଦ୍ଧ ସିଂ ପରିଚାଳନା କରିଥିଲେ । ଗଣମାଧ୍ୟମ ପ୍ରତିନିଧି ଓ ବରିଷ୍ଠ ନାଗରିକଙ୍କ ଭାବର ଆଦାନ ପ୍ରଦାନରେ ଡ. ବିଜୟ କୁମାର ଅଗରୱାଲା, ରବିନାରାୟଣ ଚାଲାନ, ରାଧେଶ୍ୟାମ ପ୍ରଧାନ, କୁମାରରଂଜନ ପଣ୍ଡା ଓ ରାସେଶ୍ୱର ସାହୁ ପ୍ରମୁଖ ଅଂଶଗ୍ରହଣ କରି ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପରେ ବାରିପଦା ରିଜର୍ଭ ପୁଲିସ ପରିସରରେ ଏକ କୋଟି ୬୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନବନିର୍ମିତ ରିଜର୍ଭ ପୁଲିସ କାର୍ଯ୍ୟାଳୟ କୋଠାକୁ ମଧ୍ୟ ଡିଜି ପୁଲିସ ଡା. ଶର୍ମା ଉଦ୍‌ଘାଟନ କରିଥିଲେ ।